# Chapter- 1

# ବୃକ୍ଷ ମାହାତ୍ମ୍ୟ

## QUESTION BANK

୧. 'ବୃକ୍ଷ'ର ପ୍ରତିଶବ୍ଦ ଗୁଡ଼ିକ କ'ଣ ?

୨. କେଉଁ ଗଛର କାଠରୁ ଜଗନ୍ନାଥଙ୍କ ଦାରୁ ତିଆରି ହୋଇଥାଏ ?

୩. କାହାକୁ 'ଦାରୁବ୍ରହ୍ମ' କୁହାଯାଏ ?

୪. ବୃକ୍ଷ ଆମକୁ କ'ଣ କ'ଣ ପ୍ରଦାନ କରେ ?

୫. ବୃକ୍ଷର ଖାଦ୍ୟ ପ୍ରସ୍ତୁତ ପ୍ରକ୍ରିୟାକୁ କ'ଣ କହନ୍ତି ?

୬. 'ବୃକ୍ଷ ମାହାତ୍ମ୍ୟ' – କବିତାର କବି କିଏ ?

୭. ଜଗନ୍ନାଥ ଦାସ କେଉଁ ଯୁଗର କବି ଥିଲେ ?

୮. ପଞ୍ଚସଖା କେଉଁ ମାନଙ୍କୁ କୁହାଯାଏ ?

୯. 'ଓଡ଼ିଆ ଭାଗବତ' କିଏ ରଚନା କରିଥିଲେ ?

୧୦. ପଞ୍ଚସଖା ମାନଙ୍କ ମଧ୍ୟରେ ବଡ଼ କିଏ ଥିଲେ ?

୧୧. 'ବୃକ୍ଷ ମାହାତ୍ମ୍ୟ' କବିତାର କବି କିଏ ?

୧୨. କବି ଜଗନ୍ନାଥ ଦାସ କେଉଁ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ ?

୧୩. ଜଗନ୍ନାଥ ଦାସଙ୍କ ରଚିତ ଭାଗବତର କେଉଁ ସ୍କନ୍ଧରୁ 'ବୃକ୍ଷ ମାହାତ୍ମ୍ୟ' କବିତାଟି ଅଣାଯାଇଛି ?

୧୪. 'କନ୍ୟାଏ ଗଲେ ତୋଷ ହୋଇ' – କେଉଁମାନଙ୍କୁ ଏଠାରେ କନ୍ୟାଏ ବୋଲି କୁହାଯାଇଛି ?

୧୫. ଦାମୋଦର କିଏ ?

ODM EDUCATIONAL GROUP
Changing your Tomorrow

୧୬. ତାଙ୍କର ନାମ 'ଦାମୋଦର' ହୋଇଛି କାହିଁକି ?

୧୭. 'ବୃକ୍ଷ ମାହାତ୍ମ୍ୟ' କବିତାରେ କେଉଁ ଋତୁର ଘଟଣା ବର୍ଣ୍ଣନା କରାଯାଇଛି ?

୧୮. 'ପୋଏ ହୋଇଲେ ଦୁଃଖ ଭାଗୀ'- କେଉଁମାନେ ଦୁଃଖ ଅନୁଭବ କରିଥିଲେ ?

୧୯. ସେମାନେ ଦୁଃଖ ଅନୁଭବ କରୁଥିଲେ କାହିଁକି ?

୨୦. ଗ୍ଲୋକକୃଷ୍ଣ କିଏ ?

୨୧. କେଉଁମାନଙ୍କ ଆଗରେ ଶ୍ରୀକୃଷ୍ଣ କଥା କହୁଥିଲେ ?

୨୨. ଶ୍ରୀକୃଷ୍ଣ କେଉଁ ବିଷୟରେ ବର୍ଣ୍ଣନା କରୁଥିଲେ ?

୨୩. ବୃକ୍ଷକୁ ସୁଜନ ବା ଭଲ ମଣିଷଙ୍କ ସହିତ ତୁଳନା କରାଯାଇଛି କାହିଁକି ?

୨୪. 'ଧନ୍ୟ ଜୀବନ ଏହାଙ୍କର' – ଏଠାରେ କେଉଁମାନଙ୍କ ଜୀବନ ବିଷୟରେ କୁହାଯାଇଛି ?

୨୫. 'ଜୀବିକା ହୋନ୍ତି ପ୍ରାଣୀଙ୍କର'-ଏହି ଧାଡ଼ିରୁ ବୃକ୍ଷ ସମ୍ପର୍କରେ ତୁମେ କ'ଣ ଜାଣିବାକୁ ପାଉଛ ?

୨୬. କେଉଁ ସ୍ଥାନକୁ ଗଲେ ଅତିଥିଙ୍କୁ ନିରାଶ ହେବାକୁ ପଡ଼େନା ?

୨୭. ଇହଲୋକ ଓ ପରଲୋକରେ କେଉଁମାନଙ୍କ ଜୀବନ ଧନ୍ୟ ହୁଏ ବୋଲି କବି କହିଛନ୍ତି ?

୨୮. 'ବୃକ୍ଷ ମାହାତ୍ମ୍ୟ' କବିତାରେ କାହାକୁ ରାମ ବୋଲି କୁହାଯାଇଛି ?

୨୯. **ସନ୍ଧି**

ଦାମୋଦର - ଦାମ + ଉଦର

କୃଶୋଦର = କୃଶ + ଉଦର

ମହତ୍ + ତ୍ୱ = ମହତ୍ତ୍ୱ

**'ତ୍ୱ' ଲଗାଇ ଏହିପରି ଆଉ ୫ଟି ଶବ୍ଦ ଲେଖ ।**

୩୦. **ବିପରୀତ ଶବ୍ଦ**

ସୁଜନ

ଦୁଃଖ

ଇହ

ଉପକାର - ଅପକାର

ଶତ୍ରୁ – ମିତ୍ର

ଆଗ-ପଛ

**୩୧. ସଂକ୍ଷିପ୍ତ ପ୍ରଶ୍ନାବଳୀ**

(କ) ବୃକ୍ଷକୁ ସୁଜନ ବା ଭଲ ମଣିଷଙ୍କ ସହିତ ତୁଳନା କରାଯାଇଛି କାହିଁକି ?

(ଖ) 'ଜୀବିକା ହୋନ୍ତି ପ୍ରାଣୀଙ୍କର' – ଏହି ଧାଡ଼ିରୁ ବୃକ୍ଷ ସଂପର୍କରେ ତୁମେ କ'ଣ ଜାଣିବାକୁ ପାଉଛ ?

(ଗ) କେଉଁ ସ୍ଥାନକୁ ଗଲେ ଅତିଥିକୁ ନିରାଶ ହେବାକୁ ପଡେ ନାହିଁ ?

(ଘ) ଇହଲୋକ ଓ ପରଲୋକରେ କେଉଁମାନଙ୍କ ଜୀବନ ଧନ୍ୟ ହୁଏ ବୋଲି କବି କହିଛନ୍ତି ?

(ଙ) ଧନ୍ୟ ଜୀବନ ଏହାଙ୍କର – ଏଠାରେ କେଉଁମାନଙ୍କ ଜୀବନ ବିଷୟରେ କୁହାଯାଇଛି ?

**୩୨. ସପ୍ରସଙ୍ଗ ସରଳାର୍ଥ ।**

(କ) ଧନ୍ୟ ଜୀବନ ଏହାଙ୍କର

ଜୀବିକା ହୋନ୍ତି ପ୍ରାଣୀଙ୍କର ।

(ଖ) ମନ ବଚନ ଧନେ କରି

ଯେ ହୋଏ ପର ଉପକାରୀ ।

ଦିନ ହରନ୍ତି ଦୁଃଖ ସୁଖେ

ସେ ଧନ୍ୟ ଇହ ପରଲୋକେ ।

**୩୩. ବସ୍ତୁନିଷ୍ଠ ପ୍ରଶ୍ନୋତ୍ତର ।**

(କ) 'ଦାରୁ' ଶବ୍ଦର ଅର୍ଥ କ'ଣ ?

(i) କର୍କଶ (ii) ସୁନ୍ଦର (iii) ମଠ (iv) କାଠ

ODM EDUCATIONAL GROUP
Changing your Tomorrow

(ଖ) 'ବୃକ୍ଷ ମାହାତ୍ମ୍ୟ' କବିତାର କବିଙ୍କ ନାମ କ'ଣ ?

(i) ଭକ୍ତ ଚରଣ ଦାସ (ii) ଜଗନ୍ନାଥ ଦାସ (iii) ବନମାଳୀ ଦାସ (iv) ବଳରାମ ଦାସ

(ଗ) 'କନ୍ୟାଏ' ଗଲେ ତୋଷ ହୋଇ –ଏଠାରେ 'କନ୍ୟାଏ' କେଉଁମାନଙ୍କୁ କୁହାଯାଇଛି ?

(i) ଗୋପବାଳା (ii) ବାଳକ (iii) ଲୋକମାନଙ୍କୁ (iv) ପୁରବାସୀଙ୍କୁ

(ଘ) 'ଦାମୋଦର' – କାହାକୁ କୁହାଯାଇଛି ?

(i) ଶ୍ରୀରାମ (ii) ଶ୍ରୀକୃଷ୍ଣ (iii) ନୃସିଂହ (iv) ପର୍ଶୁରାମ

(ଙ) 'ବୃକ୍ଷ ମାହାତ୍ମ୍ୟ' କବିତାଟି କେଉଁ ଅଧ୍ୟାୟରୁ ଆନୀତ ?

(i) ଦ୍ୱାବିଂଶ (ii) ଏକବିଂଶ (iii) ତ୍ରୟୋବିଂଶ (iv) ବିଂଶ

**୩୪. ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନୋତ୍ତର :-**

(୧) 'ଦାମ' ଏବଂ 'ଉଦର', ଏ ଦୁଇ ଶବ୍ଦକୁ ସନ୍ଧି କରାଯାଇ 'ଦାମୋଦର' ଶବ୍ଦଟି ଗଠିତ ହୋଇଛି । ଶେଷକୁ 'ଉଦର' ଶବ୍ଦ ଥିବା ଆଉ ତିନି ବା ଚାରୋଟି ଶବ୍ଦ ଲେଖ । ଏମାନଙ୍କ ମଧ୍ୟରୁ କୌଣସି ଶବ୍ଦର ଅର୍ଥ ତୁମକୁ ଜଣା ନଥିଲେ ଅଭିଧାନରୁ ଖୋଜି ତାହାର ଅର୍ଥ ଟିପି ରଖ ।

(୨) ତଳଲିଖିତ ନାମମାନଙ୍କ ମଧ୍ୟରୁ ଯେଉଁଗୁଡ଼ିକ ଶ୍ରୀକୃଷ୍ଣଙ୍କ ସଖାଙ୍କ ନାମ ନୁହେଁ, ତାହାକୁ ବାଛି ଲେଖ ।

ଶ୍ରୀଦାମ, ସୁବଳ, ଭୀମ, ଅର୍ଜୁନ, ପ୍ରାଂଶୁ, ଅଂଶୁ, ବଜ୍ରହସ୍ତ, ଦେବପ୍ରସ୍ଥ ।

(୩) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ସେମାନଙ୍କ ଡ଼ାହାଣ ପଟରେ ଥିବା ବନ୍ଧନୀ ମଧ୍ୟରୁ ବାଛି ଲେଖ ।

(ନିଦାଘ ନିଷ୍ଠୁର, କରୁଣ, ଗ୍ରୀଷ୍ମ, ଶରତ)

(୪) 'ମହତ୍' ଶବ୍ଦରେ 'ତ୍ୱ' ପ୍ରତ୍ୟୟ ଯୋଗ କଲେ ଶବ୍ଦଟି ହୁଏ 'ମହତ୍ତ୍ୱ' । ସେହିପରି ନିମ୍ନଲିଖିତ ଶବ୍ଦମାନଙ୍କରେ 'ତ୍ୱ' ଯୋଗ କରି ନୂତନ ଶବ୍ଦଗୁଡ଼ିକୁ ଲେଖ । ଗୁରୁ, ବିଶେଷ, ସତ୍, କ୍ଷୁଦ୍ର, ଦୂର, ସତ୍ୱ

(୫) 'ବେଭାର' ଶବ୍ଦର ଗଦ୍ୟରୂପ ହେଉଛି 'ବ୍ୟବହାର' । ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଗଦ୍ୟରେ କିପରି ଲେଖାଯିବ ?

ଦ୍ୟନ୍ତି, ପୋଏ, କନ୍ୟାଏ, ବୋଲନ୍ତି, ହୋନ୍ତି ।

ODM EDUCATIONAL GROUP Changing your Tomorrow

(୬) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ମନ ବଚନ _________ କରି

ଯେ ହୋଏ _________ ଉପକାରୀ ।

(ଖ) ଶୀତ ବରଷା _________ ଦୁଃଖ

ସହି _________ ଦ୍ୟନ୍ତି ସୁଖ ।

(୭) ନିମ୍ନଲିଖିତ ପଂକ୍ତିଗୁଡ଼ିକରେ ଥିବା ରେଖାଙ୍କିତ ଶବ୍ଦଗୁଡ଼ିକର ଅର୍ଥ ଲେଖ ।

(କ) ନିଦାଘ ରବି ତେଜ ଲାଗି

ଝରୁଛି ମୁହିଁ ପୁତ୍ର ଲାଗି ।

(ଖ) ମିଳିଲେ ଯମୁନାର ଲାଗେ

ସଂଚିତ ଧନ କର୍ମେ ଲାଗେ ।

**୩୫. ଠିକ୍ କରି ଲେଖ ।**

(୧) ଅଞ୍ଜଳୀ

(୨) ଅବସର୍ଣ୍ଣ

(୩) ଅନୁସୂୟା

(୪) ଅନୁଦିତ

(୫) ଅସ୍ତମାନ

(୬) ଅପଦସ୍ତ

(୭) ଭୂବନେଶ୍ୱର

(୮) ଅଭଡ଼ା

(୯) ଅମୀୟ

(୧୦) ସୃଜନ

୩୬. ବୃକ୍ଷ କିପରି ନିଜର ସର୍ବସ୍ୱ ଦାନ କରି ଅନ୍ୟର ଉପକାର କରିଥାଏ ବର୍ଣ୍ଣନା କର ।

୩୭. କବିତାଟିର ନାମ 'ବୃକ୍ଷ ମାହାତ୍ମ୍ୟ' ରଖାଯିବାର ଯଥାର୍ଥତା ଆଲୋଚନା କର ।

୩୮. ଶ୍ରୀକୃଷ୍ଣଙ୍କ ସଖାମାନଙ୍କ ନାମ ଲେଖ ।

****

ODM EDUCATIONAL GROUP
Changing your Tomorrow